# NATIONAL NEWS BULLETIN (ODIA)

## 15th December - 2025

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟରଞ୍ଜନ ମହାପାତ୍ର**

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଜୋର୍ଡ଼ାନ୍‌ର ଅମ୍ମାନଠାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

— ବିମାନ ବନ୍ଦରରେ ଶ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ ଜୋର୍ଡ଼ାନ୍ ପ୍ରତିପକ୍ଷ ।

- ନିର୍ବାଚନ ସଂସ୍କାର ଉପରେ ଆଜି ପୁଣି ଥରେ ରାଜ୍ୟସଭାରେ ଆଲୋଚନା ।

- କର୍ଣ୍ଣାଟକ, ତାମିଲନାଡୁ ଓ ତେଲଙ୍ଗାନାକୁ ଆସନ୍ତାକାଲିଠାରୁ ସାତଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି ।

- ଉଦ୍ୟମ ପୋର୍ଟାଲ୍‌ରେ ଏପର୍ଯ୍ୟନ୍ତ ୭ କୋଟିରୁ ଊର୍ଦ୍ଧ୍ୱ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗ ପଞ୍ଜୀକରଣ ଓ ସୃଷ୍ଟି ହୋଇଛି ୩୧ କୋଟି ନିଯୁକ୍ତି ସୁଯୋଗ ।

ଏବଂ

- ଗତମାସରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି ଦେଶର ବାଣିଜ୍ୟ ରପ୍ତାନୀ କ୍ଷେତ୍ର ।

## ପି.ଏମ୍. - ଥ୍ରୀ ନେସନ ଭିଜିଟ୍

ତ୍ରିରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋର୍ଡ଼ାନ୍‌ର ଅମାନଠାରେ ପହଞ୍ଚିଛନ୍ତି । ବିମାନବନ୍ଦରଠାରେ ଜୋର୍ଡ଼ାନ୍ ପ୍ରଧାନମନ୍ତ୍ରୀ ଡକ୍ଟର ଜାଫର ହସନ୍ ଶ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି’ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନାପାଇଁ ଜୋର୍ଡ଼ାନ୍ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ତାଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ମୋଦି ଆଶାବ୍ୟକ୍ତ କରିଛନ୍ତି । ରାଜା ଅବଦୁଲ୍ଲା ଦ୍ୱିତୀୟ ବିନ୍ ଅଲ୍ ହୁସେନଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦି ଜୋର୍ଡ଼ାନ୍ ଗସ୍ତରେ ଯାଇଛନ୍ତି ।

ନୂଆଦିଲ୍ଲୀରୁ ପ୍ରସ୍ଥାନ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଗସ୍ତ ଅବସରରେ ରାଜା ଅବଦୁଲ୍ଲା ଏବଂ ଜୋର୍ଡ଼ାନ୍ ପ୍ରତିପକ୍ଷ ଜାଫର ହାସାନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ୍ ପ୍ରସଙ୍ଗ ନେଇ ଆଲୋଚନା କରିବେ । ଅମାନଠାରେ ଭାରତୀୟ ସମ୍ପ୍ରଦାୟଙ୍କ ସହ ପ୍ରଧାନମନ୍ତ୍ରୀ ଭାବବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପାଳନ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି ।

ଜୋର୍ଡ଼ାନ ଗସ୍ତ ଶେଷକରି ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଅମାନ୍‌ରୁ ଇଥିଓପିଆ ରାଜଧାନୀ ଆଦିସ୍ ଆବାବାକୁ ଗସ୍ତ କରିବେ । ସେଠାରେ ଇଥିଓପିଆ ପ୍ରତିପକ୍ଷ ଡକ୍ଟର ଆବି ଅହମ୍ମଦ ଅଲ୍ଲିଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ମତ ବିନିମୟ କରିବେ । ସେଠାକାର ପ୍ରବାସୀ ଭାରତୀୟଙ୍କୁ ଶ୍ରୀ ମୋଦି ଭେଟିବା ସହିତ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ।

ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ବୁଧବାର ଦିନ ଓମାନ୍‌ର ରାଜଧାନୀ ମସ୍କଟଠାରେ ପହଞ୍ଚିବେ । ଭାରତ ଏବଂ ଓମାନ ମଧ୍ୟରେ କୂଟନୈତିକ ସମ୍ପର୍କର ଚଳିତ ବର୍ଷ ୭୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ମସ୍କଟ୍‌ଠାରେ ଶ୍ରୀ ମୋଦି ଓମାନର ସୁଲ୍‌ତାନଙ୍କ ସହ ଆଲୋଚନା କରିବା ସହିତ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରିବେ ।

# ଆର୍.ଏସ୍. - ଇଲେକ୍ସନ ରିଫର୍ମସ

ରାଜ୍ୟସଭାରେ ଆଜି ନିର୍ବାଚନ ସଂସ୍କାର ଉପରେ ପୁନଃ ଆଲୋଚନା ହୋଇଛି । ଆଲୋଚନାରେ ଅଂଶଗ୍ରହଣ କରି ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରୁଥିବା ସଂସ୍କାର, କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ରୂପାନ୍ତରଣ ଯୋଗୁଁ ଦେଶ ବିକାଶ ଆଡ଼କୁ ଅଗ୍ରସର ହେଉଛି । ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ ପ୍ରକ୍ରିୟାକୁ ସମର୍ଥନ କରି ସେ କହିଛନ୍ତି, ଭୋଟର ତାଲିକାରୁ ନକଲି ଭୋଟରଙ୍କୁ ବାଦ୍ ଦିଆଯିବା ଉଚିତ । ନିର୍ବାଚନ କ୍ଷେତ୍ରରେ ସଂସ୍କାର ଆଣିବାକୁ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳନ କରୁଛି ବୋଲି ସେ କହିଛନ୍ତି ।

ଏ.ଆଇ.ଏ.ଡି.ଏମ୍.କେ.ର ଡକ୍ଟର ଏମ୍. ଥମ୍ବିଦୁରାଇ କହିଛନ୍ତି, ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ଗଣତନ୍ତ୍ରକୁ ସୁଦୃଢ଼ କରିବା ସହିତ ମତଦାତାଙ୍କୁ ସଶକ୍ତ କରିଥାଏ । ନିର୍ବାଚନ ପ୍ରଚାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଏବଂ ରାଜନୈତିକ୍ ଦଳଗୁଡ଼ିକୁ ଏଥିପାଇଁ ଉପଯୁକ୍ତ ସୁଯୋଗ ଦିଆଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି, ନିର୍ବାଚନ କମିଶନ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।

ଜେ.ଡି.ୟୁ.ର ସଞ୍ଜୟ ଝା କହିଛନ୍ତି, ଇ.ଭି.ଏମ୍. ମାଧ୍ୟମରେ ନିର୍ବାଚନ ପରିଚାଳନାକୁ ତାଙ୍କ ଦଳ ସମର୍ଥନ ପ୍ରଦାନ କରୁଛି । ବିହାରରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ କେବଳ ମୃତ ତଥା ସ୍ଥାନାନ୍ତରିତ ଲୋକଙ୍କର ନାମକୁ ତାଲିକାରୁ ବାଦ୍ ଦିଆଯାଇଛି । ଏହି ଆଲୋଚନାରେ ୱାଇ.ଏସ୍.ଆର୍.ସି.ପି.ର ୱାଇ.ଭି. ସୁବାରେଡ୍ଡୀ, ଜେ.ଡି.(ଏସ୍.)ର ଏଚ୍.ଡି. ଦେବଗୌଡ଼ା, ବି.ଆର୍.ଏସ୍.ର କେ. ଆର୍. ସୁରେଶ ରେଡ୍ଡୀ, ଶିବସେନାର ମୁରଲୀ ମିଳିନ୍ଦ ଦେଓରା ଏବଂ ସମାଜବାଦୀ ପାର୍ଟିର ପ୍ରଫେସର ରାମଗୋପାଳ ଯାଦବ ଆଲୋଚନାରେ ନିଜର ମତ ଉପସ୍ଥାପନ କରିଛନ୍ତି ।

## ପ୍ରେସିଡେଣ୍ଟ - ଡବ୍ଲ୍ୟୁ.ବି. ରିଜେକ୍ଟ

ପଶ୍ଚିମବଙ୍ଗର ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଭାବେ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରିବା ସମ୍ପର୍କିତ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଗ୍ରାହ୍ୟ କରିଛନ୍ତି । ବିଧାନସଭାରେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ଭାବେ ରାଜ୍ୟପାଳଙ୍କ ବଦଳରେ ମୁଖ୍ୟମନ୍ତ୍ରୀଙ୍କ ନାମ ପ୍ରସ୍ତାବ ସମ୍ପର୍କିତ ସଂଶୋଧନ ବିଲ୍ ପାରିତ ହୋଇଥିଲା । କୋଲ୍‌କାତାସ୍ଥିତ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟପାଳ ଡକ୍ଟର ସି.ଭି. ବୋଷ ଗତବର୍ଷ

ଏପ୍ରିଲ୍ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ବିଚାରପାଇଁ ଏହି ବିଲ୍‌କୁ ସ୍ଥଗିତ ରଖିଥିଲେ । ପଶ୍ଚିମବଙ୍ଗର ଆଲିଆ ବିଶ୍ୱବିଦ୍ୟାଳୟର କୁଳାଧିପତି ଭାବେ ରାଜ୍ୟପାଳଙ୍କ ବଦଳରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନିତ କରିବା ସଂକ୍ରାନ୍ତ ଅନ୍ୟ ଏକ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ରାଷ୍ଟ୍ରପତି ଅଗ୍ରାହ୍ୟ କରିଛନ୍ତି ।

## ଏଲ୍.ଏସ୍.-ରିପିଲିଙ୍ଗ୍ ଆଣ୍ଡ ଆମେଣ୍ଡମେଣ୍ଟ ବିଲ୍

ଆଇନ ବିଭାଗଦ୍ୱାରା ଚିହ୍ନଟ ହୋଇଥିବା କେତେକ ପୁରୁଣା ଆଇନକୁ ପ୍ରତ୍ୟାହାର ତଥା ସଂଶୋଧନ ପ୍ରସ୍ତାବ ସମ୍ପର୍କିତ ବିଲ୍-୨୦୨୫ ଆଜି ଲୋକସଭାରେ ଉପସ୍ଥାପିତ ହୋଇଛି । ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଗୃହରେ ଏହି ବିଲ୍ ଆଗତ କରି କହିଛନ୍ତି, ଚିହ୍ନଟ ହୋଇଥିବା କେତେକ ଆଇନକୁ ପ୍ରତ୍ୟାହାର ଏବଂ ଅନ୍ୟ କେତେକ ଆଇନରେ ସଂଶୋଧନ ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି ।

## ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ କର୍ଣ୍ଣାଟକ, ତାମିଲ୍‌ନାଡୁ ଏବଂ ତେଲଙ୍ଗାନାକୁ ଗସ୍ତରେ ଯିବେ । ସାତଦିନିଆ ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ମୁର୍ମୁ ଆସନ୍ତାକାଲି କର୍ଣ୍ଣାଟକର ମାଲାଭାଲ୍ଲିଠାରେ ଆଦି

ଜଗତ୍‌ଗୁରୁ ଶ୍ରୀ ଶିବରାତ୍ରିଶ୍ୱର ଶିବଯୋଗୀ ମହାସ୍ୱାମିଜୀଙ୍କ ୧ ହଜାର ୬୬ତମ ଜୟନ୍ତୀ ସମାରୋହର ଶୁଭାରମ୍ଭ କରିବେ । ବୁଧବାର ଦିନ ତାମିଲ୍‌ନାଡୁର ଭେଲୋରସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ରାଷ୍ଟ୍ରପତି ଦର୍ଶନ ଓ ଆରତି କରିବାର କାର୍ଯ୍ୟସୂଚୀ ରହିଛି । ପରେ ସିକନ୍ଦରାବାଦର ବୋଲାରମ୍‌ସ୍ଥିତ ରାଷ୍ଟ୍ରପତିଙ୍କ ଶୀତକାଳୀନ ଭବନ ରାଷ୍ଟ୍ରପତି ନିଳୟମ୍‌ରେ ପହଞ୍ଚିବେ । ଆସନ୍ତା ୧୯ ତାରିଖରେ ହାଇଦ୍ରାବାଦଠାରେ ତେଲଙ୍ଗାନା ଲୋକସେବା ଆୟୋଗଦ୍ୱାରା ଆୟୋଜିତ ଅଧକ୍ଷଙ୍କ ଜାତୀୟ ସମ୍ମିଳନୀକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବେ । ୨୦ ତାରିଖରେ ହାଇଦ୍ରାବାଦଠାରେ ରାଷ୍ଟ୍ରପତି ବ୍ରହ୍ମାକୁମାରୀ ଶାନ୍ତି ସରୋବରଦ୍ୱାରା ଆୟୋଜିତ 'ଭାରତର କାଳଜୟୀ ଜ୍ଞାନ, ଶାନ୍ତି ଓ ପ୍ରଗତି ପଥ' ଶୀର୍ଷକ ସମ୍ମିଳନୀକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ଉଦ୍ୟମ ପୋର୍ଟାଲ୍

କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଞ୍ଝୀ କହିଛନ୍ତି, ଅଦ୍ୟାବଧି ଉଦ୍ୟମ ପୋର୍ଟାଲରେ ୭ କୋଟିରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପଞ୍ଜୀକୃତ ହୋଇଛି। ଯାହା ଦେଶରେ ୩୧ କୋଟି ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିପାରିଛି। ରାଜ୍ୟସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ମାଞ୍ଝୀ କହିଛନ୍ତି, ୨୦୨୦

ମସିହାରେ ଲୋକମାନଙ୍କ ପାଇଁ ଉଦ୍ୟୋଗ ପ୍ରତିଷ୍ଠାରେ ସହାୟକ ହେବା ପାଇଁ ଉଦ୍ୟମ ପୋର୍ଟାଲର ଶୁଭାରମ୍ଭ ହୋଇଥିଲା। ଶ୍ରୀ ମାଞ୍ଝୀ କହିଛନ୍ତି, ପୋର୍ଟାଲ ମାଧ୍ୟମରେ ୧୦ ଲକ୍ଷ ଲୋକଙ୍କୁ ଅନୁଦାନ ଯୋଗାଇ ଦିଆଯାଇଛି ଏବଂ ୧ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନା ପାଇଁ ଋଣ ପ୍ରଦାନ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ସରକାର ଦେଶର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ୧୨ ଲକ୍ଷ କାରିଗର 'ବିଶ୍ୱକର୍ମା ଯୋଜନା'ରେ ଉପକୃତ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ୨୦୨୮ ମସିହା ଶେଷ ସୁଦ୍ଧା ପ୍ରାୟ ୩୦ ଲକ୍ଷ କାରିଗରଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଗୃହକୁ ଶ୍ରୀ ମାଞ୍ଝୀ ସୂଚନା ଦେଇଛନ୍ତି।

## ଏଲ୍.ଏସ୍. - ବିକଶିତ ଭାରତ ବିଲ୍

ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍-୨୦୨୫ ଆଜି ଲୋକସଭାରେ ଆଗତ ହୋଇଛି । ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ବିଲ୍‌କୁ ଆଗତ କରିଥିଲେ । ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଉତ୍କର୍ଷ ଶୈକ୍ଷିକ ବାତାବରଣ, ଗବେଷଣା ଏବଂ ଉଦ୍ଭାବନ କ୍ଷେତ୍ରକୁ ସଶକ୍ତ କରିବା ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି । ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ

ଶିକ୍ଷାନୁଷ୍ଠାନଗୁଡ଼ିକ ସ୍ୱାଧୀନ ଭାବେ ନିଜସ୍ୱ ପରିଚାଳନା ପରିଷଦଦ୍ୱାରା ପରିଚାଳିତ ହେବା ସଂକ୍ରାନ୍ତ ପ୍ରସ୍ତାବ ଏହି ବିଲ୍‌ରେ ରହିଥିବା ଜଣାପଡ଼ିଛି । ତେବେ ବିଲ୍ ଉପରେ ବିଭିନ୍ନ ରାଜନୈତିକ ଦଳର ମତ ପରିପ୍ରେକ୍ଷୀରେ ଅଧିକ ବିଚାର ବିମର୍ଶପାଇଁ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ' ବାଚସ୍ପତିଙ୍କୁ ଏନେଇ ଯୁଗ୍ମ ସଂସଦୀୟ କମିଟି ଗଠନ କରିବାକୁ ଅନୁରୋଧ କରିଛନ୍ତି ।

## ଏଲ୍.ଏସ୍. - ସପ୍ଲିମେଣ୍ଟାରୀ ଡିମାଣ୍ଡ

ଚଳିତ ଆର୍ଥିକ ବର୍ଷପାଇଁ ଲୋକସଭାରେ ଆଗତ ୧ ଲକ୍ଷ ୩୨ ହଜାର କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚଦାବୀ ଉପରେ ଆଜି ପ୍ରଥମ ପର୍ଯ୍ୟାୟ ଆଲୋଚନା ପୁନଃ ଆରମ୍ଭ ହୋଇଛି । ସାର ରିହାତି ପାଇଁ ୧୮ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ଏବଂ ୪୧ ହଜାର ୪୫୫ କୋଟି ଟଙ୍କାରୁ ଅଧିକ ନଗଦ ଖର୍ଚ୍ଚ ପ୍ରସ୍ତାବ ଏହି ବିଲ୍‌ରେ ରହିଛି । ଆଲୋଚନାରେ ଅଂଶଗ୍ରହଣ କରି ଟି.ଡି.ପି.ର କେସିନେନି ଶିବନାଥ ପ୍ରସ୍ତାବକୁ ସମର୍ଥନ କରି କହିଛନ୍ତି, ୟୁରିଆ ରିହାତି ଯୋଜନାକୁ ଏହି ପ୍ରସ୍ତାବ ଅଧିକ ସୁଦୃଢ଼ କରିବ । ପ୍ରତ୍ୟକ୍ଷ ବିଦେଶୀ ନିବେଶ ୮୧ ବିଲିୟନ୍ ଆମେରିକୀୟ ଡଲାର ଅତିକ୍ରମ କରିଥିବାବେଳେ ପ୍ରମୁଖ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ୫୦ରୁ ୭୦

ପ୍ରତିଶତକୁ ବୃଦ୍ଧି ଯୋଗୁଁ ଚାଷୀଙ୍କ ଆର୍ଥିକ କ୍ଷେତ୍ରକୁ ସଶକ୍ତ କରାଯାଇପାରୁଛି ବୋଲି ଶୀ ଶିବନାଥ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଲୋଚନାରେ ସମାଜବାଦୀ ପାର୍ଟିର ନୀରଜ ମୌର୍ଯ୍ୟ, ତୃଣମୂଳ କଂଗ୍ରେସର ସୌଗତ ରାୟ ଏବଂ କଂଗ୍ରେସର କେ.ସି. ବେଣୁଗୋପାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଏକ୍ସପୋର୍ଟ ଗ୍ରୋଥ୍

ଗତ ନଭେମ୍ବରରେ ଦେଶର ବାଣିଜ୍ୟ ରପ୍ତାନୀ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଅସ୍ଥାୟୀ ତଥ୍ୟ ଅନୁଯାୟୀ ଗତବର୍ଷ ନଭେମ୍ବର ମାସ ତୁଳନାରେ ବାଣିଜ୍ୟ ରପ୍ତାନୀ ୧୯ ଦଶମିକ ୪ ପ୍ରତିଶତ ବୃଦ୍ଧି ପାଇ ୩୮ ଦଶମିକ ୧/୩ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚିଛି । ଅନ୍ୟପକ୍ଷରେ ସାମଗ୍ରୀ ଆମଦାନୀ ୧ ଦଶମିକ ୯ ପ୍ରତିଶତ ହ୍ରାସ ପାଇ ୬୨ ଦଶମିକ ୬/୬ ବିଲିୟନ୍ ଆମେରିକୀୟ ଡଲାର ହୋଇଛି । ବୈଷୟିକ, ଇଲେକ୍ଟ୍ରୋନିକ୍ସ, ରତ୍ନପଥର ଓ ଅଳଙ୍କାର, ଔଷଧ, ପେଟ୍ରୋଲିୟମ୍ ଉତ୍ପାଦ ଦେଶର ବାଣିଜ୍ୟ ରପ୍ତାନୀ କ୍ଷେତ୍ରକୁ ସୁଦୃଢ଼ କରିଥିବା ମନ୍ତ୍ରଣାଳୟ କହିଛି । ଗତ ଏପ୍ରିଲ୍‌ରୁ ନଭେମ୍ବର ସମୀୟସୀମା ମଧ୍ୟରେ ଦେଶର ମୋଟ ରପ୍ତାନୀ ୫୬୨ ଦଶମିକ ୧/୩ ବିଲିୟନ୍ ଆମେରିକୀୟ ଡଲାର ହେବ ବୋଲି ଆକଳନ କରାଯାଇଛି ।

ଏକ୍ଷେତ୍ରରେ ୫ ଦଶମିକ ୪/୩ ପ୍ରତିଶତ ଅଭିବୃଦ୍ଧି ହୋଇପାରେ । ସୁନା, ତୈଳ ଏବଂ କୋଇଲା ଆମଦାନୀ ହ୍ରାସ ଯୋଗୁଁ ଗତ ମାସରେ ଦେଶର ବାଣିଜ୍ୟ ନିଅଣ୍ଟ ୨୪ ଦଶମିକ ୫/୩ ବିଲିୟନ୍ ଆମେରିକୀୟ ଡଲାରକୁ ହ୍ରାସ ପାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

*****